ତହସିଲଦାରଙ୍କ କାର୍ଯ୍ୟାଳୟ, ଯାମଦା, ମୟୂରଭଞ୍ଜ

ସର୍ବସାଧାରଣ ନୋଟିସ

ବିଜ୍ଞପ୍ତି ସଂଖ୍ୟା ..୨୬୩୪..//ତା ...୧୭/୮/୨୦୨୨... ରିଖ//

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଜ୍ଞପ୍ତି ସଂଖ୍ୟା.2371//ସୈରାତ ତା.05.07.2022 ରିଖ ରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଯାମଦା ତହସିଲର ୨ (ଦୁଇ) ଗୋଟି ପଥର ସୈରାତ ଯଥା କଇଁପୁର-୧ (ପଥର ସୈରାତ) ଓ ଦେଓକୁଣ୍ଡି (ପଥର ସୈରାତ) ଏବଂ ୧(ଏକ) ଗୋଟି ବାଲି ଉତ୍ସ ଯଥା ଘୁମାଳ ବାଲି ଉତ୍ସ କୁ ୫ (ପାଞ୍ଚ) ବର୍ଷ ନିମନ୍ତେ OMMC Rules-2016 ଅନୁଯାୟୀ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ମାତ୍ର ଉକ୍ତ ଟେଣ୍ଡର ବାକ୍ସ ତା 17.08.2022 ରିଖ ଦିବା 11.00 ଘଟିକା ସମୟରେ ଖୋଲାଯାଇଥିଲା କିନ୍ତୁ ସେଥିରେ ଘୁମାଲ ବାଲି ଉତ୍ସ ପାଇଁ ଏକ ବିଶେଷ କାରଣ ଯୋଗୁ ଉକ୍ତ ବାଲି ଉତ୍ସଟିର ନିଲାମ ପ୍ରକ୍ରିୟା ସମ୍ପନ୍ନ ହୋଇ ପାରି ନଥିଲା ତେଣୁ ପୁନଶ୍ଚ ଆସନ୍ତା ତା 18.08.2022 ରିଖ ପୂର୍ବାହ୍ନ ଦିବା 10.00 ଘଟିକା ଠାରୁ ତା 22.08.2022 ରିଖ ଅପରାହ୍ନ 5.30 ସମୟରେ ଦରଖାସ୍ତ ଆବେଦନ କରିପାରିବେ ଏବଂ ତା 23.08.2022 ରିଖ ଦିବା 11.00 ଘଟିକାରେ ସମୟରେ ଉକ୍ତ ଟେଣ୍ଡର ବାକ୍ସଟି ଖୋଲା ଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକ ତନଖି କରାଯିବ ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇପାରେ ତେବେ ତାହା ତା ୨୯.୦୮.୨୦୨୨ ରିଖ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / Tender Box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା ୩୦.୦୮.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ ତନଖି କରାଯିବ ।

17-08-2022

Tahasildar
ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
Jamda
ଯାମଦା

ଜ୍ଞାପକ ସଂଖ୍ୟା....୨୬୩୫..//ତା.....୧୭/୮/୨୦୨୨...ରିଖ//

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ / ଉପ-ଜିଲ୍ଲାପାଳ, ବାମନଘାଟୀ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାମଦାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17-08-2022

Tahasildar
ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
Jamda
ଯାମଦା

ଜ୍ଞାପକ ସଂଖ୍ୟା.........୨୬୩୬...//ତା.......୧୭/୮/୨୦୨୨.........ରିଖ//

ଏହାର ଏକକିତା ନକଲ DIO, NIC, Mayurbhanj ଙ୍କ ଅବଗତି ତଥା ମୟୂରଭଞ୍ଜ ଜିଲ୍ଲା Website ରେ ଉପଲବ୍ଧ କରିବା ନିମନ୍ତେ ।

Tahasildar
ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
Jamda
ଯାମଦା

ଜ୍ଞାପକ ସଂଖ୍ୟା.......୨୬୩୭.....//ତା.....୧୭/୮/୨୦୨୨.....ରିଖ//

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାମଦା / ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ଫଳକ / ତହସିଲ ନୋଟିସ ଫଳକ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ଫଳକ / ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ସଂପୃକ୍ତ ଗ୍ରାମ ଏବଂ ସୈରାତ ସ୍ଥଳରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

17-08-2022

Tahasildar
ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
Jamda
ଯାମଦା